ଅମୃତ ଦୁନିଆ
୩୦ ଏପ୍ରିଲ ୨୦୨୫

ପ୍ରଦେଶ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ

ଡବଲ ଇଞ୍ଜିନ ସରକାର ଲୋକଙ୍କ ସାମ୍ବିଧାନିକ ଅଧିକାର ଛଡ଼େଇ ନେଉଛନ୍ତି : ଭକ୍ତ ଦାସ

ଭୁବନେଶ୍ୱର (ବ୍ୟୁରୋ) : ଆଜି ସଂଧ୍ୟାରେ ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ରାଜମହଲ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ସମ୍ବିଧାନ ବଞ୍ଚାଅ ଯାତ୍ରା କରାଯାଇଥିଲା। ଏହାପରେ ମାଷ୍ଟରକ୍ୟାଣ୍ଟିନ ଛକରେ ଶ୍ରୀ ଦାସଙ୍କ ନେତୃତ୍ୱରେ ସମ୍ବିଧାନ ବଞ୍ଚାଅ ସମାବେଶ ଆୟୋଜିତ ହୋଇଥିଲା। ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ଦେଶର ସମ୍ବିଧାନ ଆଜି ସଙ୍କଟରେ। ସମ୍ବଧାନର ସୁରକ୍ଷା ପାଇଁ ଲଢ଼େଇ କରିବା ପ୍ରତ୍ୟେକ ରାଜନୈତିକ ଦଳର କର୍ତ୍ତବ୍ୟ ତଥା ସାଧାରଣ ଜନତାଙ୍କର ମଧ୍ୟ କର୍ତ୍ତବ୍ୟ। ମୋଦି ସରକାର ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକର ଦୁରୁପୋଯୋଗ କରୁଛନ୍ତି। ସମ୍ବିଧାନ ସଶକ୍ତ ହେଲେ ଆମ ଗଣତନ୍ତ୍ର ସଶକ୍ତ ହେବ ଏବଂ ଆମ ଅଧିକାର ସୁରକ୍ଷିତ ରହିବ। ଏହି ଦୀର୍ଘ ୧୨ ମଧ୍ୟ ମଧ୍ୟରେ ଭାରତ ବର୍ଷର ବିଜେପି ସରକାର ଏବଂ ବିଜେପି ଦଳ ଭାରତ ବର୍ଷର ସମ୍ବିଧାନକୁ ବିକୃତ କରିଚାଲିଛନ୍ତି। ବିଜେପି ଓ ଆରଏସଏସର ବିଚାରଧାରାରେ ସମ୍ବିଧାନକୁ ବଦଳେଇବା ପାଇଁ ନିଷ୍ପତ୍ତି ନିଆଯାଉଛି। ଘୃଣା, ହିଂସା, ଭେଦଭାବ ସୃଷ୍ଟିକରି ଭାଇଚାରାକୁ ନଷ୍ଟ କରାଯାଉଛି। ଏହାଦ୍ୱାରା ଦେଶରେ ଥିବା ବିଭିଦତା ଭିତରେ ଐକ୍ୟତା ଓ ଜାତୀୟ ସଂହତି ନଷ୍ଟ ହେଉଛି। ଏଥିପାଇଁ ଆମ ସମସ୍ତଙ୍କୁ ସତର୍କ ରହିବା ସହିତ ଭାରତ ବର୍ଷର ସାଧାରଣ ଜନତାକୁ ଏଭଳି ପରସ୍ଥିତି ପାଇଁ ସଚେତନ କରିବାକୁ ପଡ଼ିବ। କେନ୍ଦ୍ର ବିଜେପି ସରକାର ଶାସନ କାଳ ସମୟରେ ନିର୍ବାଚନ ଆୟୋଗ ନିଜର ଗାରିମା ସଂପୂର୍ଣ୍ଣ ଭାବରେ ନଷ୍ଟ କରିଦେଇସାରିଛି। ନିର୍ବାଚନ ଆୟେଗ ଆଜି ବିଜେପିର ଖେଳନା ସାଜିଛି। ଗଣଙ୍କ ନିଷ୍ପତିକୁ ଗୌଣ କରି ଦିଆଯାଉଛି। ନ୍ୟାୟାଳୟ ଆଉ ନିରପେକ୍ଷ ନାହିଁ। ବିରୋଧି ଦଳର ନେତବର୍ଗଙ୍କୁ ଇ.ଡ଼ି., ସିବିଆଇ, ଆଇଟି, ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ମିଛ ମାମଲା ଦାୟର କରି ଭୟଭୀତ କରାଯାଉଛି। ଫଳସ୍ୱରୂପ ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମୁହଁ ଖୋଲିବାକୁ ନିର୍ବାଚିତ ପ୍ରତିନିଧିମାନେ ଭୟ କରୁଛନ୍ତି। ସରକାରୀ ଚାପ, ଭୟ ଓ ବିଭିନ୍ନ ଆର୍ଥିକ ପ୍ରଲୋଭନରେ ଆଜି ଚତୁର୍ଥ ସ୍ତମ୍ଭ ସଂପୂର୍ଣ୍ଣ ରୂପେ କବଳିତ ଫଳରେ ସତ୍ୟ ଓ ନ୍ୟାୟ ପାଇଁ ନ୍ୟାୟର ଲଢ଼େଇ ପାଇଁ ଯେଉଁ ଚତୁର୍ଥ ସ୍ତମ୍ଭ ସୃଷ୍ଟି କରାଯାଇଥିଲା ତାହା ଆଜି ସେ ଉଦ୍ଦେଶ୍ୟ ଠାରୁ ବହୁ ଦୂରରେ। ଏଥିପାଇଁ ଆମ ସମ୍ବିଧାନର ସୁରକ୍ଷାର ଆବଶ୍ୟକତା ରହିଛି। ସମ୍ବିଧାନ ବଂଚିଲେ ଗଣତନ୍ତ୍ର ବଂଚିବ ଓ ଦେଶ ମଧ୍ୟ ବଂଚିରହିବ। ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲ୍ଲୁ କହିଲେ ଯେ ଦେଶରେ ବିଜେପି ସରକାର ଏକ ନୂଆ ସମ୍ବିଧାନ ପ୍ରଣୟନ ପାଇଁ ଅପଚେଷ୍ଟା କରୁଛି। ଦୁର୍ନୀତି ବିଜେପିର ନୀତି ହୋଇଛି। ଆଜି ଭାରତ ବର୍ଷର ଖଣିଜ ସମ୍ପଦ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦ କୁ ମୋଦିଙ୍କ ବନ୍ଧୁ ବ୍ୟବସାୟୀଙ୍କ ମଧ୍ୟରେ ବଣ୍ଟନ କରାଯାଉଛି। ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ଉପରେ ପ୍ରହାର କରାଯାଉଛି। ଆଦିବାସୀ ମାନଙ୍କ ସାମ୍ବିଧାନିକ ଅଧିକାରକୁ ଉଲ୍ଲଙ୍ଘନ କରାଯାଉଛି। ଚାଷୀ, ଯୁବକ, ଛାତ୍ର ଓ ମହିଳା ସଂପୂର୍ଣ୍ଣରୂପେ ସରକାରୀ ଷଡଯନ୍ତ୍ରରେ ଶିକାର। ସମସ୍ତଙ୍କର ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖିବାପାଇଁ କଂଗ୍ରେସ ସଂଗ୍ରାମ ଜାରି ରଖିବ ଏବଂ ଏଥିପାଇଁ ଜୀବନ ଦେବାକୁ ପ୍ରସ୍ତୁତ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକନ୍ତ ଜେନା କହିଲେ ଯେ ଦଳିତ, ଆଦିବାସୀ ଓ ପଛୁଆବର୍ଗ ବିଜେପି ସରକାରରେ ସଂପୂର୍ଣ୍ଣ ଉପେକ୍ଷିତ। ସମ୍ବିଧାନ ସେମାନଙ୍କୁ ଦେଇଥିବା ଅଧିକାର କାର୍ଯ୍ୟକାରୀ ହେବାରେ ବିଜେପି ସରକାର ବାଧକ ସାଜିଛି। ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଅଧିକାରରୁ ବଞ୍ଚିତ କରାଯାଉଛି। ଆଦିବାସୀଙ୍କୁ ବାସଚ୍ୟୁତ କରାଯାଉଛି। ସେମାନଙ୍କର ବାସସ୍ଥାନରେ ଥିବା ଖଣି, ଖାଦାନ ଲୁଟ ହେଉଛି। ମାତ୍ର ପେସା ଆଇନ ଲାଗୁ କରାଯାଉ ନାହିଁ। ଜଙ୍ଗଲ ଅଧିକାର ଆଇନର ଖୁଲା ଉଲଙ୍ଘନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର କାଡାମ, ଶରତ ପଟ୍ଟନାୟକ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଏଆଇସିସି ସମ୍ପାଦକ ଶାହାନୱାଜ ଚୌଧୁରୀ, ସିଏସ ରାଜନ ଏକ୍କା, ରମେଶ ଜେନା, ଅଶୋକ ଦାସ, ଜଗନ୍ନାଥ ପଟ୍ଟନାୟକ, ଅମର ପ୍ରଧାନ, ସରସ୍ୱତୀ ହେମ୍ବ୍ରମ, ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ଶିବାନନ୍ଦ ରାୟ, ସମସ୍ତ ଜିଲ୍ଲା କଂଗ୍ରେ ସଭାପତି, ମାନସ ଚୌଧୁରୀ, ବିଶ୍ୱଜିତ ଦାଶ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ରଣଜିତ ପାତ୍ର, ୟାସିର ନୱାଜ, ଉଦିତ ପ୍ରଧାନ, ପ୍ରତାପ ପ୍ରଧାନ, ସ୍ମୃତିରଞ୍ଜନ ସ୍ୱାଇଁ, ମହମ୍ମଦ ଗୁଲଫାମ, ସାହାରୁଖ ଖାନ, ବିଭୁ ପ୍ରସାଦ ଜେନା, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ଅମରେଶ ପରିଡ଼ା, ମିହିର ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ବଟକୃଷ୍ଣ ରାଉତରାୟ, ମହମ୍ମଦ ପରଭେଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

ଭୁବନେଶ୍ୱର (ବ୍ୟୁରୋ) : ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟକ୍ରମରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସହ ପ୍ରଭାରୀ ସାହାନୱାଜ ଚୌଧୁରୀଙ୍କ ଉପସ୍ଥିତିରେ ଜଗତସିଂହପୁର ଜିଲ୍ଲାର ପସ୍କୋ ବିରୋଧି ଆନ୍ଦୋଳନର ମୁଖ୍ୟ ପୁରୋଧା ଅଭୟ ସାହୁ ଓ ତାଙ୍କ ବହୁ ସମର୍ଥକଙ୍କ ସହ ଆଜି କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ସେହିପରି ମୟୁରଭଞ୍ଜ ଜିଲ୍ଲାର ସରପଞ୍ଚ, ସମିତି ସଭ୍ୟା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ୱାର୍ଡ ସଭ୍ୟ, ନାୟବ ସରପଞ୍ଚ ପ୍ରମୁଖ ବହୁ ନେତା ବିଜେଡ଼ି, ଜେଏମଏମ ପରିତ୍ୟାଗକରି କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ଅନୁରୂପ ଭାବେ ପୁରୀ ଜିଲ୍ଲାର ପୂର୍ବତନ ସେନା କର୍ମଚାରୀ ଦୀପକ କୁମାର ଜେନା, ହିନ୍ଦୋଳନର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଜୋସ୍ନାମୟୀ ବେହେରା ପ୍ରମୁଖ ମଧ୍ୟ ତାଙ୍କ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଦାସ, ପ୍ରଭାରୀ ଲଲ୍ଲୁ କଂଗ୍ରେସ ଦଳରେ ଯୋଗଦେଇଥିବା ନେତୃବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ କଂଗ୍ରେସ ଦଳକୁ ସ୍ୱାଗତ କରିବା ସହ କହିଥିଲେ ଯେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ନେତୃତ୍ୱ, ଜନନାୟକ ତଥା ଲୋକସଭାର ସାଂସଦ ଶ୍ରୀ ରାହୁଲ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଆଜି କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ସେମାନଙ୍କ ଯୋଗଦାନ କଂଗ୍ରେସ ଦଳକୁ ଆହୁରି ଦୃଢ଼ିଭୂତ କରିବାରେ ସାହାଯ୍ୟ କରିବ ବୋଲି ସେମାନେ କହିଥିଲେ। ପିସିସି ସଭାପତି ଶ୍ରୀଯୁକ୍ତ ଦାସଙ୍କ ନେତୃତ୍ୱ ଉପରେ ଆସ୍ଥାପ୍ରକଟ କରି ଏବଂ କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ କଂଗ୍ରେସ ଦଳରେ ଯୋଗଦେଇଛୁ ବୋଲି ପୋସ୍କୋ ଆନ୍ଦୋଳନର ମୁଖ୍ୟ ପୁରୋଧା ଅଭୟ ସାହୁ ଓ ଅନ୍ୟମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନ ଏକ୍କା, ସରସ୍ୱତୀ ହେମ୍ବ୍ରମ, ଡ. ଦେବାଶିଷ ପଟ୍ଟନାୟକ, ନଟବର ବାରିକ, ବିଷ୍ଣୁ ବାରିକ, ପ୍ରଫୁଲ୍ଲ ପ୍ରଧାନ, ଯଶବନ୍ତ ସିଂ ଲାଗୁରି, ପ୍ରଭାସକର ମହାପାତ୍ର, ସୁଧାଂଶୁ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ବ୍ୟୁରୋ) : ଲୋକମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣୁଥିବା ଜଣାଶୁଣା ସଂସ୍ଥା "ଫିଟ୍‌ନେସ୍ ଟୁଗେଦର" ତରଫରୁ ପହେଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ରୁପାଲି ଛକଠାରେ ଏକ ମହମବତୀ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ସଂସ୍ଥାର ପ୍ରତିଷ୍ଠାତା ସୁନୀଲ ଦାଶଙ୍କ ନେତୃତ୍ୱରେ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଲୋକ ଏଥିରେ ସାମିଲ ହୋଇଥିଲେ। ମୃତକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ସହିତ ଭାରତୀୟମାନଙ୍କ ମଧ୍ୟରେ ଦୃଢତା ଓ ଏକତା ଭାବ ରହିଛି ବୋଲି ମୁଖ୍ୟ ପରାମର୍ଶଦାତା ବିଭୁ ମହାନ୍ତି ପ୍ରକାଶ କରିଥିଲେ। ସମସ୍ତ ଭାରତୀୟ ପ୍ରଧାନ ମବୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସୁରକ୍ଷିତ ଅଛନ୍ତି ବୋଲି ଏହାର ସହ ପ୍ରତିଷ୍ଠାତା ଅନ୍ନପୂର୍ଣ୍ଣା ପଣ୍ଡା କହିଥିଲେ।

'ଲକ୍ଷ୍ୟ ୟୁପିଏସସି: ଯୁବା ଆଇଏଏସ୍ ଅଧିକାରୀଙ୍କ ପ୍ରେରଣାଦାୟୀ କାହାଣୀ' ପୁସ୍ତକ ଉନ୍ମୋଚିତ

'ବିକଶିତ ଭାରତ' ସାକାର କରିବା ପାଇଁ ସମୟୋପଯୋଗୀ ଡାଞ୍ଚା ତିଆରି କରିବା ଦରକାର - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବରେ ଡଃ ସଜ୍ଜନ ଯାଦବଙ୍କ ଦ୍ୱାରା ଲିଖିତ 'ଲକ୍ଷ୍ୟ ୟୁପିଏସସି : ଯୁବା ଆଇଏଏସ୍ ଅଧିକାରୀଙ୍କ ପ୍ରେରଣାଦାୟୀ କାହାଣୀ' ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଶ୍ରୀ ପ୍ରଧାନ ଲେଖକ ଡଃ ଯାଦବଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଁ ଅଭ୍ୟର୍ଥୀମାନଙ୍କର ଅଥକ ପରିଶ୍ରମ, ପୁରୁଷାର୍ଥ ଓ ସଂକଳ୍ପଶକ୍ତିକୁ ଦର୍ଶାଉଥିବା ଏହି ପୁସ୍ତକ, ପ୍ରଶାସନିକ ସେବା କରିବାକୁ ଚାହୁଁଥିବା ଅଗଣିତ ଯୁବବର୍ଗଙ୍କ ପାଇଁ ଏକ ପ୍ରେରଣା ସ୍ରୋତ ହେବ। ଏହି ପୁସ୍ତକ ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତିଙ୍କ ପାଇଁ ନିଶ୍ଚିତ ଭାବେ ଏକ ଉପଯୋଗୀ ଓ ପ୍ରେରଣାଦାୟୀ ପଦକ୍ଷେପ। ସେ କହିଛନ୍ତି ଯେ ଗଣତନ୍ତ୍ରରେ ଅଧିକାରଗୁଡ଼ିକର ଯେତିକି ଦାୟିତ୍ୱ ଅଛି, କର୍ତ୍ତବ୍ୟର ମଧ୍ୟ ସେତିକି ମହତ୍ତ୍ୱ ଅଛି। ବଦଳୁଥିବା ସମୟ ସହିତ, ଆମର କର୍ତ୍ତବ୍ୟ ଏବଂ ଆକାଂକ୍ଷାଗୁଡ଼ିକର ସ୍ୱରୂପ ମଧ୍ୟ ବଦଳୁଛି। ସର୍ଦ୍ଦାର ପଟେଲ ସିଭିଲ ସେବାକୁ ଭାରତର ଷ୍ଟିଲ୍ ଫ୍ରେମ୍ ବୋଲି ଅଭିହିତ କରିଥିଲେ। ଆଜି ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଯେତେବେଳେ ଷ୍ଟିଲକୁ ଅଧିକ ଶକ୍ତିଶାଳୀ କରାଯାଉଛି, ଆମକୁ ସମୟ ଅନୁସାରେ ନିଜକୁ ବିକଶିତ କରିବା ଦରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନିର୍ଦ୍ଧାରିତ ବିକଶିତ ଭାରତ- ୨୦୪୭ର ସଂକଳ୍ପକୁ ପୂରା କରିବା ପାଇଁ ଆମକୁ ସମୟୋପଯୋଗୀ ଡାଞ୍ଚା ତିଆରି କରିବା ଦରକାର। ସମସ୍ତଙ୍କୁ ନିଜର ଦାୟିତ୍ୱକୁ ସମ୍ପୂର୍ଣ୍ଣ ନିଷ୍ଠାରେ ନିର୍ବାହ କରିବାକୁ ପଡ଼ିବ। ଯେତେବେଳେ ପ୍ରତ୍ୟେକ ନାଗରିକ ନିଜର ଦାୟିତ୍ୱ ପାଳନ କରିବେ, ସେତେବେଳେ ୧୪୦ କୋଟି ଦେଶବାସୀଙ୍କର ଅଧିକାର ସୁରକ୍ଷିତ ଓ ସଶକ୍ତ ରହିବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି।

ଓପୋ ଇଣ୍ଡିଆ ପକ୍ଷରୁ ଏ୫ ପ୍ରୋ ୫ଜିର ଶୁଭାରମ୍ଭ

ଭୁବନେଶ୍ୱର (ବ୍ୟୁରୋ) : ଓପୋ ଇଣ୍ଡିଆ ପକ୍ଷରୁ ଓପୋ ଏ୫ ପ୍ରୋ ୫ଜି ସ୍ମାର୍ଟଫୋନର ଶୁଭାରମ୍ଭ କରାଯାଇଛି। ୮ଜିବି+୧୨୮ଜିବି ଭାରିଆଂଟ ପାଇଁ ୧୭୯୯୯ଟଙ୍କା ଓ ୮ଜିବି+୨୫୬ଜିବି ଭାରିଆଂଟ ପାଇଁ ୧୯୯୯୯ଟଙ୍କା ମୂଲ୍ୟରେ ଓପୋ ଏ୫ ପ୍ରୋ ୫ଜି ଆମାଜନ, ଫ୍ଲିପ୍‌କାର୍ଟ, ଓପୋ ଷ୍ଟୋର ଓ ମେନ୍‌ଲାଇନ ରିଟେଲ ଆଉଟଲେଟଗୁଡ଼ିକରେ ଦୁଇଟି ରଙ୍ଗ ବିକଳ୍ପ –ଯଥା ମୋଚା ବ୍ରାଉନ ଓ ଫିଦର ବ୍ଲୁ ରେ ଉପଲବ୍ଧ ହେବ। ଗ୍ରାହକମାନେ ୧୫୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ଏବଂ ଏସ୍‌ବିଆଇ, ଆଇଡିଏଫସି ଫାର୍ଷ୍ଟ ବ୍ୟାଙ୍କ, ବିଓବି ଫାଇନାନ୍ସିଆଲ, ଫେଡେରାଲ ବ୍ୟାଙ୍କ ଓ ଡିବିଏସ ଆଦି ବ୍ୟାଙ୍କର ଅଗ୍ରଣୀ କ୍ରେଡିଟ କାର୍ଡଗୁଡ଼ିକ ସହ୬ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମଆଇ ପାଇପାରିବେ।। ଏକ ଜିରୋ ଡାଉନ ପେମେଂଟ ସ୍କିମ ମଧ୍ୟ ଉପଲବ୍ଧ ରହିଛି । ଏହି ସ୍ମାର୍ଟଫୋନରେ ଶିଳ୍ପର ଅଗ୍ରଣୀ ଆଇପି୬୯, ଆଇପି୬୮ ଏବଂ ଆଇପି୬୬ ସାର୍ଟିଫିକେଶନ ରହିଛି, ଯାହା ଜଳ, ଧୂଳି ଓ ହାଇ-ପ୍ରେସର ଜେଟ ବିରୋଧରେ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛି। ଏଥିରେ ୧୮ ମଲ୍ଟି-ଲିକ୍ୱିଡି ରେଜିଷ୍ଟାନ୍ସ ପ୍ରୋଟେକ୍ସନ ମଧ୍ୟ ରହିଛି ଯାହାକୁ ଲୁଣ ପାଣି, ଝୋଳ, କଫି ଭଳି ପ୍ରତିଦିନର ତରଳ ପଦାର୍ଥଗୁଡ଼ିକ ବିରୋଧରେ ସୁରକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଏହି ଡିଭାଇସକୁ ଅତ୍ୟଧିକ ତାପମାତ୍ରା, ବର୍ଷା, ଧୂଳି, ସଲ୍ଟ ମିଷ୍ଟ, ଝଟ୍‌କା ସମେତ ୧୪ଟି ମିଲିଟାରୀ ଷ୍ଟାଣ୍ଡାର୍ଡ (ଏମଆଇଏଲ-ଏସ୍‌ଟିଡି-୮୧୦ଏଚ-୨୦୨୨) ସ୍ଥିତି ବିରୋଧରେ ପରୀକ୍ଷଣ କରାଯାଇଛି। ଏହି ଭାରିଆଂଟଗୁଡ଼ିକରେ ଥିବା ୧୨୦ହର୍ଟ୍ଜ ଅଲଟ୍ରା ବ୍ରାଇଟ ଡିସପ୍ଲେ ଏକ ସୁଗମ, ପ୍ରଭାବଶାଳୀ ଅନୁଭୂତି ନିଶ୍ଚିତ କରୁଛି । ଏକ ୫୦୦୦ ମେଗାଆମ୍ପିୟର ବ୍ୟାଟେରୀ ଦ୍ୱାରା ସମର୍ଥିତ ଏହି ସ୍ମାର୍ଟଫୋନରେ ୪୫ୱାଟ ସୁପରଭିଓସିସି ଫ୍ଲାଶ ଚାର୍ଜ ରହିଛି । କଲରଓଏସ ୧୫ ଉପରେ ପରିଚାଳିତ ଏହି ଫୋନ୍‌ରେ ଓପୋର ୪୮-ମାସ ଫ୍ଲୁଏନ୍ସି ପ୍ରୋଟେକ୍ସନ ରହିଛି । ଏଆଇ ଗେମବୁଷ୍ଟ ୫ ଘଂଟା ପର୍ଯ୍ୟନ୍ତ ଲ୍ୟାଗ୍-ଫ୍ରି ଗେମିଂ ନିଶ୍ଚିତ କରିବା ପାଇଁ ଫ୍ରେମ୍ ରେଟକୁ ଅପ୍ଟିମାଇଜ କରିଥାଏ । ଫଟୋଗ୍ରାଫି ପସନ୍ଦ କରୁଥିବା ଉପଭୋକ୍ତାମାନେ ଏହାର ୫୦ଏମପି ଅଲଟ୍ରା-କ୍ଲିୟର ମେନ କ୍ୟାମେରା, ୨ଏମପି ପୋର୍ଟ୍ରେଟ କ୍ୟାମେରା ଏବଂ ୮ଏମପି ଫ୍ରଂଟ କ୍ୟାମେରା କୁ ପସନ୍ଦ କରିବେ। ଛାତ୍ରଛାତ୍ରୀ ଓ ପେସାଦାର ବ୍ୟକ୍ତିଙ୍କ ପାଇଁ ଏଆଇ ସମରି, ଏଆଇ ରିରାଇଟ ସମେତ ଏଆଇ ସମର୍ଥିତ ଡକ୍ୟୁମେଂଟ ଆପ ରହିଛି । ଯାହା ହିନ୍ଦୀ ଓ ଇଂରାଜୀ ଭାଷାକୁ ସପୋର୍ଟ କରିଥାଏ, ଏହା ଭାରତୀୟ ଉପଭୋକ୍ତାଙ୍କ ପାଇଁ କାର୍ଯ୍ୟ ଓ ଅଧ୍ୟୟନକୁ ସନ୍ତୁଳିତ ରଖିବା ଲାଗି ଏକ ଗେମ୍ ଚେଞ୍ଜର ଅଟେ। ଓପୋର ଆଡ୍‌ଭାନ୍ସଡ ଏଆଇଜିସି ଇଞ୍ଜିନ ଦ୍ୱାରା ପରିଚାଳିତ ଏହି ଫୋନରେ ଏଆଇ ଇରେଜର୨.୦ ରହିଛି ଯାହା ଚତୁରତାର ସହିତ ଫଟୋଗୁଡ଼ିକୁ ଅବାଂଛିତ ବସ୍ତୁ ଓ ଲୋକଙ୍କୁ ଦୂର କରିବା ସହିତ ପ୍ରାକୃତିକ ପୃଷ୍ଠଭୂମିଗୁଡ଼ିକରେ ମିଶ୍ରଣ କରିଥାଏ। ସେହିଭଳି ଏଆଇର ଅନ୍ୟାନ୍ୟ ଫିଚର ମଧ୍ୟ ରହିଛି । ଏହାବ୍ୟତୀତ ଏଆଇ ଆସିଷ୍ଟାନ୍ସ ସହିତ ଉତ୍ପାଦକତା ବୃଦ୍ଧି କରିଥାଏ। ୧୫ଟି ଭାଷାରେ ଡକ୍ୟୁମେଂଟଗୁଡ଼ିକୁ ସଂକ୍ଷିପ୍ତ ଓ ଅନୁବାଦ କରିବାଠାରୁ ଆରମ୍ଭ କରି ନୋଟ୍‌ଗୁଡ଼ିକୁ ରିରାଇଟ, ପଲିସ ଓ ଫର୍ମାଟ୍ କରିବା ପର୍ଯ୍ୟନ୍ତ ଏ୫ ପ୍ରୋ ୫ଜି ହେଉଛି କାର୍ଯ୍ୟ ଓ ଖେଳ ପାଇଁ ଏକ ସକ୍ଷମ ଏଆଇ ସାଥୀ।

ବୋଇଙ୍ଗ ପକ୍ଷରୁ ୟୁନିଭର୍ସିଟି ଇନୋଭେସନ ପ୍ରୋଗ୍ରାମର ବିଜେତାଙ୍କ ନାମ ଘୋଷଣା

ଭୁବନେଶ୍ୱର (ବ୍ୟୁରୋ) : ବୋଇଙ୍ଗ ପକ୍ଷରୁ ବୋଇଙ୍ଗ ୟୁନିଭର୍ସିଟି ଇନୋଭେଶନ ଲିଡରସିପ ଡେଭ୍‌ଲପମେଂଟ (ବିଲ୍ଡ) ପ୍ରୋଗ୍ରାମ ୨୦୨୪-୨୫ର ୪ର୍ଥ ସଂସ୍କରଣର ବିଜେତା ଭାବେ ୭ଟି ଟିମ୍‌ର ନାମ ଘୋଷଣା କରାଯାଇଛି । ଯେଉଁଥିରେ ୟୁନିଭର୍ସିଟି ଛାତ୍ରଛାତ୍ରୀ ଓ ପ୍ରାରମ୍ଭିକ ପର୍ଯ୍ୟାୟର ଷ୍ଟାର୍ଟଅପର ଉଦ୍ୟୋଗୀମାନେ ସାମିଲ ଅଛନ୍ତି। ୭ ଜଣ ବିଜେତା ଟିମ ହେଉଛନ୍ତି ଟ୍ରଷ୍ଟୱର୍କସ ଡାଇନେଟିକ୍ସ, ନେକ୍ସସ ପାୱର, ଏକ୍ସଟ୍ରାଇଭ ଇନୋଭେସନ୍ସ, କ୍ୱାଲିଭନ ଟେକ୍ନୋଲେଜିସ, ରଫା ବାୟୋନିକ୍ସ, ହାଇପ୍ରିକ୍ସ ଏଭିଏସନ ଏବଂ ତ୍ରିଶୂଳ ସ୍ପେସ। ଏହି ବିଜେତାମାନଙ୍କୁ ସେମାନଙ୍କର ବିଚାରଗୁଡ଼ିକୁ ବଜାର ପ୍ରସ୍ତୁତ ଓ ମୂଲ୍ୟବାନ ବ୍ୟବସାୟିକ ସମାଧାନରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ଆସନ୍ତା ୬ ମାସ ମଧ୍ୟରେ ବୋଇଙ୍ଗ ଓ ସେମାନଙ୍କର ଇନ୍‌କ୍ୟୁବେଟର ପାର୍ଟନରଙ୍କ ଦ୍ୱାରା ସହଯୋଗ ପ୍ରଦାନ କରାଯିବ। ଏହି ବିଜେତା ଦଳଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଙ୍କୁ ଆର୍ଥିକ ଅନୁଦାନ ଭାବରେ ୧୦ ଲକ୍ଷ ଟଙ୍କା ମିଳିବ ଯାହା ଏରୋସ୍ପେସ୍ ଏବଂ ପ୍ରତିରକ୍ଷା, ଟେକ୍ନୋଲୋଜି, ସାମାଜିକ ପ୍ରଭାବ ଏବଂ ସ୍ଥାୟୀତ୍ୱ କ୍ଷେତ୍ରରେ ସେମାନଙ୍କ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ। ଗତକାଲି ବେଙ୍ଗାଲୁରୁର ବିଆଇଇଟିସି କ୍ୟାମ୍ପସ ଠାରେ ଆୟୋଜିତ ହୋଇଥିବା ଫିନାଲେରେ ଦ ବୋଇଙ୍ଗ କମ୍ପାନୀ, ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ ଡାଟା ଆନାଲିଟିକ୍ସର ମୁଖ୍ୟ ସୂଚନା ଡିଜିଟାଲ ଅଧିକାରୀ ଓ ବରିଷ୍ଠ ଉପାଧ୍ୟକ୍ଷ ଡାନା ଡେଜି, ବରିଷ୍ଠ ଭିପି, ବୋଇଙ୍ଗ ଇଣ୍ଡିଆ ଓ ସାଉଥ ଏସିଆର ଅଧ୍ୟକ୍ଷ ସଲିଲ ଗୁପ୍ତେ, ବୋଇଙ୍ଗ ଇଣ୍ଡିଆ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ସେଂଟର (ବିଆଇଇଟିସି)ର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏବଂ ବୋଇଙ୍ଗ ଇଣ୍ଡିଆର ଚିଫ୍ ଇଞ୍ଜିନିୟର ଷ୍ଟାସି ସାୟାର ଏବଂ ଅନ୍ୟ ବୋଇଙ୍ଗ ଗ୍ଲୋବାଲ ଓ ଇଣ୍ଡିଆ ଲିଡର ଏବଂ ବୋଇଙ୍ଗର ଇନ୍‌କ୍ୟୁବେଟରର ପାର୍ଟନରମାନେ ଯୋଗ ଦେଇଥିଲେ । ଏହି ଅବସରରେ ବୋଇଙ୍ଗ ଇଣ୍ଡିଆ ଓ ସାଉଥ ଏସିଆର ଅଧ୍ୟକ୍ଷ ଶ୍ରୀଯୁକ୍ତ ସଲିଲ ଗୁପ୍ତେ କହିଛନ୍ତି, " ବିଗତ ବର୍ଷଗୁଡ଼ିକରେ ବିୟୁଆଇଏଲଡି ପ୍ରୋଗ୍ରାମ ଏକ ପ୍ଲାଟଫର୍ମ ଭାବେ କିଶିତ ହୋଇଛି ଯାହା ଭାରତର ବିକଶିତ ଷ୍ଟାର୍ଟଅପ ଇକୋସିଷ୍ଟମର ଆକାଂକ୍ଷାଗୁଡ଼ିକୁ ପ୍ରତିଫଳନ କରୁଛି । ମୁଁ ବିଜେତା ଓ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ମୁଁ ଆମର ଇନ୍‌କ୍ୟୁବେଟର ପାର୍ଟନର ଓ ଶିକ୍ଷ ହିତାଧିକାରୀଙ୍କୁ ଧନ୍ୟବାଦ ଜଣାଉଛି ଯିଏ ଏହି ପ୍ରୋଗ୍ରାମକୁ ଏପର୍ଯ୍ୟନ୍ତ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।" ବିଆଇଇଟିସିର ଭିପି, ଏମ୍‌ଡି ଏବଂ ବୋଇଙ୍ଗ ଇଣ୍ଡିଆର ମୁଖ୍ୟ ଇଞ୍ଜିନିୟର ଷ୍ଟାସି ସାୟାର କହିଛନ୍ତି, " ବିୟୁଆଇଏଲଡି ହେଉଛି ଏକ କ୍ଷେତ୍ର ଯେଉଁଠାରେ ମାର୍ଗଦର୍ଶନ ଓ ବୋଇଙ୍ଗର ସୂଚନା ପରିସର ମାଧ୍ୟମରେ ବିଚାରଧାରାଗୁଡ଼ିକୁ ସମାଧାନର ରୂପ ଦିଆଯାଉଛି। ଏଠାରେ ଆଶାୟୀ ପ୍ରାର୍ଥୀମାନେ ସିଧାସଳଖ ବୋଇଙ୍ଗ ଇଞ୍ଜିନିୟର ଓ ଟେକ୍ନୋଲୋଜିଷ୍ଟଙ୍କ ସହ ଆଲୋଚନା କରିପାରିଥାନ୍ତି, ଯାହା ସେମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟର ପ୍ରସଙ୍ଗ ଓ ଧାରଣାଗୁଡ଼ିକୁ ମୂଲ୍ୟବାନ ଓ ବିସ୍ତୃତ ସମାଧାନରେ ରୂପାନ୍ତରିତ କରିବାରେ ସାହାଯ୍ୟ କରିଥାଏ।

ମଧୁ ଜୟନ୍ତୀରେ ଶିଳ୍ପୋଦ୍ୟୋଗୀଙ୍କୁ ସମ୍ମାନିତ କଲା ବିଶ୍ୱ ଓଡ଼ିଆ ପରିବାର

ଭୁବନେଶ୍ୱର (ବ୍ୟୁରୋ) : ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ବିଶ୍ୱ ଓଡ଼ିଆ ପରିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀକୁ ଏକ ନିଆରା ଢଙ୍ଗରେ ଆଜି ଭୁବନେଶ୍ୱରେ ସ୍ଥିତ ଆରସିଏମର ପ୍ରେକ୍ଷାଳୟରେ ପାଳନ କରିଛି। କେବଳ ଜୟନ୍ତୀ ପାଳନ ଭିତର ସିମୀତ ନରଖି ଓଡ଼ିଶାର ସମୃଦ୍ଧିରେ ବିଶେଷ ଭୂମିକାରେ ଥିବା ବରିଷ୍ଠ ଶିଳ୍ପୋଦ୍ୟୋଗୀଙ୍କୁ 'କୁଳଗୌରବ 'ସମ୍ମାନରେ ସମ୍ମାନିତ କରିଛି। ଅନୁଷ୍ଠିତ ସମାରୋହରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ଅବସରପ୍ରାପ୍ତ ବିଚାରପତି ଡ଼ଃ ଦୁର୍ଗା ପ୍ରସନ୍ନ ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ତାଙ୍କର ଅଭିଜ୍ଞତାପୂର୍ଣ୍ଣ ଆଭିଭାଷଣରେ କୁଳବୃଦ୍ଧ ମଧୁସୂଦନଙ୍କର ଜାତିପ୍ରତି ଆଇନ ପ୍ରତି ସମ୍ବେଦନଶୀଳତା ଓ ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ଦେଶରେ ଅଗ୍ରଣୀ ଭାବରେ ଦେଖିଥିବା ସ୍ୱପ୍ନକୁ ସୁନ୍ଦର ଭାବରେ ଉପସ୍ଥାପନ ପୂର୍ବକ ଏହି ସମାରୋହର ସାର୍ଥକତା ପ୍ରତିପାଦନ କରିଥିଲେ। ବିଶ୍ୱ ଓଡ଼ିଆ ପରିବାରର ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିବା ସହିତ ସମ୍ମାନିତ ଅତିଥିଙ୍କ ସର୍ବସୁଖ କାମନା କରିଥିଲେ। ବିଶ୍ୱ ଓଡ଼ିଆ ପରିବାର ସଭାପତି ଶ୍ରୀ ସଜ୍ଜନ ଶର୍ମା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷୀୟ ମନ୍ତବ୍ୟରେ ସଭାର ଆଭିମୁଖ୍ୟ ଓ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିମାନେ ସମାନଙ୍କ ଉଦ୍‌ବୋଧନରେ କହିଥିଲେ ଯେ, କେବଳ ଭାଷା ବଂଚାଇବା ପାଇଁ କିମ୍ବଦନ୍ତୀ ପୁରୁଷ ମଧୂଦନ ଦାସ ସଂଗ୍ରାମ କରିନଥିଲେ। ଓଡ଼ିଶାରେ ଶିଳ୍ପର ଅଗ୍ରଗତି ମଧ୍ୟ ଏହି ପ୍ରବାଦ ପୁରୁଷଙ୍କ ସ୍ୱପ୍ନ ଥିଲା। ତାହାକୁ ସାକାର କରିବାର ଚିନ୍ତନକୁ ପାଥେୟ କରି ଏହପରି ଉତ୍ସବର ଅୟୋଜନ ପଶଂସନୀୟ ଅଟେ ବୋଲି ଅତିଥିମାନେ କହିଥିଲେ। ସମାରୋହରେ 'ଉତ୍କଳ ଗୌରବ' ସମ୍ମାନରେ ଭୂଷିତ ହୋଇଥିବା ବିଶିଷ୍ଟ ଉଦ୍ୟୋଗୀମନେ ହେଲେ, ଶ୍ରୀ ପବନ ସୁଲତାନିଆ ଅଧ୍ୟକ୍ଷ (ଓଡ଼ିଶା) ଫେଡେରେସନ୍ ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି ଶ୍ରୀ ନିକୁଞ୍ଜ ଛୋଟରାୟ, ଭାଲେଂଟିନା ପାଇପ୍ସ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର, ଶ୍ରୀ ଦିଲ୍ଲୀପ ଦାସ,ଆଲଫା ଟ୍ରାନ୍ସଫରମର, ଭୁବନେଶ୍ୱର, ଶ୍ରୀ ଗୌରୀ ଶଙ୍କର ଦାଶ ପରିଚାଳନା ନିର୍ଦ୍ଦେଶକ ରୋଲେକ୍ସ ପେଂଟସ୍ ଆଣ୍ଡ କେମିକାଲ ପ୍ରା.ଲିଃ, ଇଷ୍ଟର୍ଣ୍ଣ କେମିକାଲ ଇଣ୍ଡଷ୍ଟ୍ରିଜ୍ ପ୍ରା.ଲିଃ, କଟକ, ଡଃ ପ୍ରବୀର ପାଲ ଅଧ୍ୟକ୍ଷ, ରିଜିଓନାଲ୍ କଲେଜ ଅଫ୍ ମ୍ୟାନେଜମେଂଟ ଓଡ଼ିଶା, ଶ୍ରୀଯୁକ୍ତ ଜଗଦୀଶ ମିଶ୍ର, ଘନଶ୍ୟାମ ମିଶ୍ର ଆଣ୍ଡ ସନ୍ସ ପ୍ରା.ଲିଃ ମୟୁରୀ ଇଲେକ୍ଟ୍ରୋ ସେରାମିକ୍ ପ୍ରା.ଲି:। ଓଡ଼ିଶାକୁ ନୂତନ ସୋପାନରେ ପହଂଚାଇବାରେ ସଫଳ ହୋଇଥିବା ୫ ଜଣ ନବଉଦ୍ୟମୀ, ଶ୍ରୀ ବୋଧିସତ୍ୱ ସଂଘପ୍ରିୟ, ପ୍ରତିଷ୍ଠାତା ତଥା ପରିଚାଳନା ମୁଖ୍ୟ ଆଇ. ଜି. ଡ୍ରୋନ, ଶ୍ରୀ ଦୀପକ କୁମାର ନାଥ, ପ୍ରତିଷ୍ଠାତା ତଥା ପରିଚାଳନା ମୁଖ୍ୟ, ଥ୍ରେଟ୍‌ସିସ୍ ଟେକ୍ନୋଲୋଜି ପ୍ରା. ଲିଃ ତଥା ବିଶିଷ୍ଟ ସାଇବର ସିକ୍ୟୁରିଟି ଓ ପରାମର୍ଶଦାତା ଶ୍ରୀ ନିହାର ରଂଜନ ପଣ୍ଡା, ପରିଚାଳନା ନିର୍ଦ୍ଦେଶ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ, ସ୍କାଇ ରାଇଡର ଇଲେକ୍ଟ୍ରିକ୍ ପ୍ରା.ଲିଃ, ଶ୍ରୀମତୀ ସ୍ନିଗ୍ଧାରାଣୀ ପାତ୍ର, ପ୍ରତିଷ୍ଠାତା ଓ ନିର୍ଦ୍ଦେଶିକା ଏଗ୍ରିସୋଲ ଅର୍ଗାନିକ୍ ଇଣ୍ଡିଆ ପ୍ରା.ଲିଃ, ଶ୍ରୀ ଶ୍ରୀଜୟ ନାୟକ, ପରିଚାଳନା ନିର୍ଦ୍ଦେଶକ, ମହାନଦୀ ପଲ୍ଲୀମର ପ୍ରା.ଲିଃ ଶିଳ୍ପୋଦ୍ୟୋଗୀମାନଙ୍କୁ ସମ୍ମାନିତ କରିଥିଲେ। ବିଶିଷ୍ଟ କବୟତ୍ରୀ ଡ଼ଃ ପୀତିପ୍ରତିଭା ଭୋଳ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଭ୍ୟ ଭବାନୀ ପ୍ରାସାଦ ମିଶ୍ର ଓ ଇଂ ଶାକ୍ୟସିଂହ ମହାପାତ୍ର ସମାରୋହର ପରିଚାଳନା କରିଥିଲେ। ପରିବାରର ମୁଖପାତ୍ର ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ଼ଃ ହାଡିବଂଧୁ ପାଣିଗ୍ରାହୀ, ସୁବ୍ରତ ନାୟକ, ତପନ ବେହେରା, ଡଃ ପଦ୍ମଲୋଚନ ଦାସ କୁଳମଣି ରାଉତ, ମନୋଜ ସାହୁ ଓ ସୁବ୍ରତ କେଶରୀ ଦାସ ଆଦି କାର୍ଯ୍ୟକ୍ରମର ଅୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ କବି ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ପ୍ରିୟବ୍ରତ ମହାପାତ୍ର, ହରିହରମିଶ୍ର, ଡ଼ଃ ସୁମନ୍ତ କୁମାର ସାମଲ, ସ୍ୱାଗତିକା ଧଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।